## ଲୁହା ଗେଟ୍ ଜବତ, ୨ ଗିରଫ

ରାଉରକେଲା, ୩।୫(ସମିସ): ଲୁହା ଗେଟ୍ ଚୋରି ହେବାର କିଛି ସମୟ ମଧ୍ୟରେ ବନ୍ଧମୁଣ୍ଡା ଥାନା ପୁଲିସ ଦୁର୍ବୃତ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ଜଡ଼ିତ ଥିବା ଚୁଡ଼ି ବସ୍ତିର ଦିଲୀପ ମୁଣ୍ଡା(୨୫) ଓ କୈଳାସ ରାଉତ(୩୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଲୁହା ଗେଟ ଓ ବାଇକ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଉକ୍ତ ବସ୍ତିରେ ରହୁଥିବା ବୁଲୁ ଛତ୍ରୀଙ୍କ ସେକ୍ଟର ବି ଅଞ୍ଚଳରେ ଲୁହା ଦୋକାନ ରହିଛି। ଗୁରୁବାର ରାତିରେ ଦୋକାନ ଗ୍ୟାରେଜରୁ ଲୁହା ଗେଟ ଚୋରି ହୋଇଯାଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଶୁକ୍ରବାର ଦୁହିଁଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦ୍ୱୟ ବାଇକ ଯୋଗେ ଗେଟ ଚୋରି କରି ନେଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦୁଇ ସାଧାରଣ ପର୍ଯ୍ୟବେକ୍ଷକ ନିୟୋଜିତ

ରାଉରକେଲା, ୩।୫(ସମିସ) : ସୁନ୍ଦରଗଡ ଜିଲ୍ଲାରେ ସାଧାରଣ ନିର୍ବାଚନ ୨୦୨୪ ସଂମ୍ପର୍କିତ ସମସ୍ତ ଅଭିଯୋଗ ଶୁଣିବା ପାଇଁ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦୁଇ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି । ସେମାନେ ହେଲେ ଦୁଇ ଆଇଏଏସ ଅଧିକାରୀ ଦିଲୀପ ବାଲାକୃଷ୍ଣ ଗାଓଡେ ଓ ବିକାଶ ନରଓ୍ୱାଲ । ତଳସରା, ସୁନ୍ଦରଗଡ, ଓ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ଦିଲିପ ବାଲାକୃଷ୍ଣ ଗାଓଡେଙ୍କୁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । କୌଣସି ଅଭିଯୋଗ ଜନସାଧାରଣ ମୋବାଇଲ/ ହ୍ୱାଟସପ ୭୯୭୮୮୩୨୭୮୩ରେ ଯୋଗାଯୋଗ କରି ପାରିବେ। ଏହାଛଡା ଜିଲ୍ଲାପାଳ କାର୍ଯ୍ୟାଳୟରେ ଦିନ ୧୨ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ସାକ୍ଷାତ କରି ପ୍ରତ୍ୟକ୍ଷ ଅଭିଯୋଗ କରି ପାରିବେ ବୋଲି କୁହାଯାଇଛି । ସେହିପରି ବୀରମିତ୍ରପୁର, ରଘୁନାଥପାଲୀ, ରାଉରକେଲା ଓ ବଣାଇଁ ନିର୍ବାଚନ ମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ବିକାଶ ନରଓ୍ୱାଲଙ୍କୁ ୭୩୨୭୮୭୨୧୪୦ ମୋବାଇଲ ନମ୍ବର/ ହ୍ୱାଟଆପ୍ସ ନମ୍ବରରେ ଯୋଗାଯୋଗ କରି ପାରିବେ। ଏହାବ୍ୟତୀତ ରାଉରକେଲା ହାଉସରେ ଅପରାହ୍ନ ୨ ଘଟିକାରୁ ୪ ଘଟିକା ଯାଏଁ ସାକ୍ଷାତ କରି ପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ
# ବିଜେଡି ପ୍ରାର୍ଥିନୀ ଅର୍ଚ୍ଚନାରେଖା ବେହେରାଙ୍କ ନାମାଙ୍କନପତ୍ର ଦାଖଲ

### ରାଉରକେଲାର ସ୍ୱାଧୀନ ପ୍ରାର୍ଥୀ ନିହାର ରାୟ ଓ ବିରମିତ୍ରପୁରର ଜେଏମ୍ଏମ୍ ପ୍ରାର୍ଥୀ ନିହାର ସୁରିନ୍ ନାମାଙ୍କନ ଭରିଲେ

ରାଉରକେଲା, ୩।୫(ସମିସ):





ଆଜି ଓଡିଶା ସମେତ ଦେଶର ପଞ୍ଚମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ। ଶେଷ ଦିନରେ ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳର ପ୍ରାର୍ଥିନୀ ଅର୍ଚ୍ଚନାରେଖା ବେହେରା ଆଜି ସେକ୍ଟର-୩, ବିଜେଡି କାର୍ଯ୍ୟାଳୟରୁ ହଜାର ହଜାର ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ବିର୍ସା ଛକ, ରିଙ୍ଗ ରୋଡର ସିଂହାସନୀ ମନ୍ଦିର ଓ ଉଦିତନଗର ଆମ୍ବେଦକର ଛକ ଦେଇ ରଘୁନାଥପାଲ୍ଲୀ ନିର୍ବାଚନ ଅଧିକାରୀ ତଥା ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସିଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କର ପ୍ରାର୍ଥିତ୍ୱକୁ ପ୍ରସ୍ତାବ କରିଥିଲେ ସୁଧୀର ସୁନ୍ଦରରାୟ ଏବଂ ସମର୍ଥକ ଭାବରେ ମନୋଜ ଘଡେଇ ନାମାଙ୍କନ ପତ୍ରରେ ସ୍ୱାକ୍ଷର କରିଥିଲେ। ଅର୍ଚ୍ଚନାରେଖା ବେହେରାଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ତାଙ୍କ ସ୍ୱାମୀ ତଥା ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ମଧ୍ୟ ଉପସ୍ଥିତ ଥିଲେ।

ସେହିପରି ଆଜି ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ରାଉରକେଲା ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ସ୍ୱାଧୀନ ପ୍ରାର୍ଥୀ ତଥା ପୂର୍ବତନ ବିଜେପି ନେତା ନିହାର ରାୟ। ରିଙ୍ଗ ରୋଡର ସିଂହାସନୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସ୍ୱାଧୀନ ପ୍ରାର୍ଥୀ ନିହାର ରାୟ ଏକ ଶୋଭାଯାତ୍ରାରେ ବାହାରି ରାଉରକେଲା ନିର୍ବାଚନ ଅଧିକାରୀ ତଥା ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶ୍ରୀ ରାୟଙ୍କ ପ୍ରାର୍ଥୀପତ୍ର ଦାଖଲ ବେଳେ ଭଗବାନ ମହାପାତ୍ର, ନୀଳକଣ୍ଠ ପରିଡ଼ା, ହରବିନ୍ଦର ସିଂହ, ଜୟଶ୍ରୀ ସିଂ, ଆଶିଷ ମହାରଣା, ବିକେ ପାଣିଗ୍ରାହୀ, କେଶରୀ ଚରଣ ସିଂ, କଞ୍ଚନା ରାୟ, ମୃଦାଙ୍କ ଗୋସ୍ୱାମୀ ପ୍ରମୁଖ ପ୍ରସ୍ତାବକ ଭାବେ ନାମାଙ୍କନ ପତ୍ରରେ ସ୍ୱାକ୍ଷର କରିଥିବା ଜଣାପଡିଛି। ସେହିଭଳି ଭାବରେ ବିରମିତ୍ରପୁର ବିଧାନସଭା ଆସନ ପାଇଁ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ତଥା ଜେଏମଏମ୍ ପ୍ରାର୍ଥୀ ନିହାର ସୁରିନ୍ ବିର୍ସା ଛକ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ବିରମିତ୍ରପୁର ନିର୍ବାଚନ ଅଧିକାରୀ ତଥା ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ ସରୋଜ କୁମାର ମିଶ୍ରଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶ୍ରୀ ସୁରିନଙ୍କ ପ୍ରସ୍ତାବକ ଭାବରେ ଭାଗେଶ୍ୱର ସିଂହ ଏବଂ ସମର୍ଥକ ଭାବରେ ଯୋଶେଫ କେର୍କେଟା ନାମାଙ୍କନ ପତ୍ରରେ ସ୍ୱାକ୍ଷର କରିଥିଲେ। ଜେଏମଏମ୍ ପ୍ରାର୍ଥୀ ନିହାର ସୁରିନଙ୍କ ନାମାଙ୍କନ ପତ୍ର ଦାଖଲ ବେଳେ ଝାଡଖଣ୍ଡ ଜେଏମଏମ୍ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ କନ୍ୟା ଅଞ୍ଜଳୀ ସୋରେନ୍ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ସେହିପରି ବିରମିତ୍ରପୁର ବିଧାନସଭା ଆସନ ପାଇଁ ଆଜି ସ୍ୱାଧୀନ ପ୍ରାର୍ଥୀ ଭାବରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ରାଜେଶ କେର୍କେଟା।ଅନ୍ୟପକ୍ଷରେ ରାଉରକେଲା ବିଧାନସଭା ଆସନ ପାଇଁ ଭାରତୀୟ ଜବାନ କିଷାନ ପାର୍ଟିର ପ୍ରାର୍ଥୀ ଭାବରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ନିର୍ମଳ କୁମାର ଦାଶ। ଶ୍ରୀ ଦାଶ ଏକ ଶୋଭାଯାତ୍ରାରେ ଆସି ନିଜର ପ୍ରସ୍ତାବକ ଇଂ ପ୍ରକାଶ ଚନ୍ଦ୍ର ପରିଜା ଏବଂ ସମର୍ଥକ ନରୋତ୍ତମ ସାମଲ ଓ ତାରିଣୀ ତନ୍ତୀଙ୍କ ସହିତ ରାଉରକେଲା ନିର୍ବାଚନ ଅଧିକାରୀ ତଥା ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏଠାରେ ସ୍ମରଣଯୋଗ୍ୟ ଯେ, ମେ ୪ ତାରିଖ ଶୁକ୍ରବାର ଦିନ ସମସ୍ତ ନାମାଙ୍କନ ପତ୍ର ଯାଞ୍ଚ କରାଯିବ।

## ସେକ୍ଟର -୪ କମ୍ୟୁନିଟି ସେଣ୍ଟର ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ

ରାଉରକେଲା, ୩।୫(ସମିସ):



ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାରର ସେକ୍ଟର -୪ ସ୍ଥିତ କମ୍ୟୁନିଟ ସେଣ୍ଟର ଯୋଗ କେନ୍ଦ୍ରର ଷଷ୍ଠ ତମ ବାର୍ଷିକ ଉତ୍ସବ ବରିଷ୍ଠ ଯୋଗ ପ୍ରଶିକ୍ଷକ ତପସ୍ୱିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନାର କ୍ରୀଡ଼ା ବିଭାଗ ଉପପ୍ରବନ୍ଧକ ରଘୁନନ୍ଦନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମମତା ନାୟକ, ସୁଚନ୍ଦନା ମହାରଣା, ଗାୟତ୍ରୀ ମହାନ୍ତି, ମମତା ରାଉତ, ଅମୀୟଲତା ସାହୁ, ସୁଶ୍ରୀ ସଂଗୀତା ମିଶ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ମମତା ନାୟକ, ମମତା ରାଉତ, ଗାୟତ୍ରୀ ମହାନ୍ତି, ଅମିୟ ବାଲା ଓ ସୁଶ୍ରୀ ସଂଗୀତା ବନ୍ଦନା ଗାନ କରିଥିଲେ। ମମତା ନାୟକ, ସୁଚନ୍ଦନା ମହାରଣା ଗୁରୁବନ୍ଦନା ଗାନ କରିଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷା ତାଙ୍କ ସ୍ୱାଗତ ଭାଷଣରେ କେନ୍ଦ୍ରର ବିବିଧ କାର୍ଯ୍ୟକ୍ରମ ଓ ଅଷ୍ଟାଙ୍ଗ ଯୋଗ ଉପରେ ଆଲୋକପାତ କରିଥିଲେ। ବିଶେଷ ଅତିଥି ଉପ ପ୍ରବନ୍ଧକ (ପ୍ରୋଟୋକଲ) ଶରତ ଚନ୍ଦ୍ର ନାୟକ ଯୋଗର ଉପକାରିତା ଉପରେ ନିଜର ମତାମତ ଓ ଏହାର ପ୍ରଭାବ ଉପରେ ଚର୍ଚ୍ଚା କରିବା ସହିତ ଇସ୍ପାତ କାରଖାନା ତରଫରୁ ନିଆ ଯାଇଥିବା ବିବିଧ ପଦକ୍ଷେପକୁ ଉପସ୍ଥାପନା କରିଥିଲେ। ଭାରତ ସ୍ୱାଭିମାନ ନ୍ୟାସର ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ତାଙ୍କ ଅଭିଭାଷଣରେ ଯୋଗର ଆବଶ୍ୟକତା ଓ ଏହାଦ୍ୱାରା ବ୍ୟକ୍ତି, ସମାଜ ଓ ଦେଶର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ଉପରେ ମତବ୍ୟକ୍ତ କରିଥିଲେ। ବିଶେଷ ଭାବରେ ରାଉରକେଲା ଇସ୍ପାତ କାରଖାନା ତରଫରୁ ସମସ୍ତ କମ୍ୟୁନିଟ ସେଣ୍ଟର ଗୁଡିକରେ ଯୋଗ କେନ୍ଦ୍ର ପାଇଁ ସ୍ଥାନଦେଇଥିବାରୁ ତା'ର ଭୂୟସୀ ପ୍ରଶଂସା କରିବା ସହିତ ଯୋଗକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାରରେ ପରମ ପୂଜ୍ୟ ମହାରାଜ ଯୋଗରଷିଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତସ୍ମିନି ସ୍ୱାଇଁ, ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ , କମ୍ୟୁନିଟ ସେଣ୍ଟରର ଉପାଧ୍ୟକ୍ଷ ରାମ ଚନ୍ଦ୍ର ଗୌଡ, ସଧାରଣ ସମ୍ପାଦକ ଗିରିଶ ଚନ୍ଦ୍ର ଶତପଥୀ ତାଙ୍କ ଅଭିଭାଷଣରେ ଯୋଗ ସୁସ୍ଥ ଓ ନିରୋଗ ଜୀବନ ପାଇଁ ବିନା ଅର୍ଥରେ ଏକମାତ୍ର ମାର୍ଗ ବୋଲି ମତ ପୋଷଣ କରିଥିଲେ । ଯୋଗକୁ ବ୍ୟାପକତା କରିବା ସହିତ ଯୋଗ କେନ୍ଦ୍ରର ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଇଥିଲେ । ପରିଶେଷରେ ତପସ୍ୱିନୀ ସାହୁ, ମମତା ରାଉତ, ସୁଚନ୍ଦନା ମହାରଣା, ବାସନ୍ତୀ ମହନ୍ତ, ଫୁଲମଣୀ ମୁର୍ମୁ ଯୋଗ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ଅନ୍ୟତମ ଯୋଗ ପ୍ରଶିକ୍ଷକ ମମତା ଦାସ ପରିଚାଳନା କରିଥିଲେ। ପରିଶେଷରେ କମ୍ୟୁନିଟ ସେଣ୍ଟରର ପୂର୍ବତନ ସଭାପତି ରବି ନାରାୟଣ ଦାସ ବକ୍ତବ୍ୟ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କମ୍ୟୁନିଟ ସେଣ୍ଟରର କାର୍ଯ୍ୟକର୍ତ୍ତାବୃନ୍ଦ ସହଯୋଗ କରିଥିଲେ। ଏହି କେନ୍ଦ୍ରର ସମସ୍ତ ଯୋଗ ଶିକ୍ଷକ, ସାଧକସାଧିକା ଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ ।

## ଆଦିବାସୀ ସଂଗଠନ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ରାଉରକେଲା, ୩।୫(ସମିସ): ଜଗଦା କମ୍ୟୁନିଟି ପରିସରରେ ବିର୍ସା ମୁଣ୍ଡା ଶ୍ରମ ମଙ୍ଗଳ ସଙ୍ଗଠନ, ଶ୍ରମଶକ୍ତି ଯୁବ ଶ୍ରମିକ ସଙ୍ଗଠନ ଓ ଶ୍ରମଶକ୍ତି ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମେ ଦିବସ ଉପଲକ୍ଷେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ଉପସଭାପିତ ବୈଦନାଥ ଦାସ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ କହିଥିଲେ। ୭ ମାସ ସ୍ୱଳ୍ପ ମନ୍ତ୍ରିତ୍ୱ ସମୟରେ ସର୍ବନିମ୍ନ ମଜୁରୀ କାର୍ଯ୍ୟକାରୀ ହୋଇଥିଲା। ହିନ୍ଦ ମଜଦୁର ସଭାର ରାଜ୍ୟ ଶ୍ରମିକ ନେତା ବିଜୟ ପତି ଆଇନଜୀବୀ ନାରାୟଣ ପ୍ରଧାନ, ହିନ୍ଦ ମଜଦୁର ସଭାର ଶ୍ରମିକ ନେତା ମହମ୍ମଦ ସାକିର ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ ଅଣସଙ୍ଗଠିତ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଦିଗାମ୍ବର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିର୍ସାମୁଣ୍ଡା ଶ୍ରମ ମଙ୍ଗଳ ସଙ୍ଗଠନ ସାଧାରଣ ସମ୍ପାଦକ ଗଗନ ବିହାରୀ ସାହୁ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଶ୍ରମଶକ୍ତି ଯୁବ ଶ୍ରମିକ ସଙ୍ଗଠନର ସଭାପତି ଗୌରୀ ମୁଣ୍ଡାରୀ, ଶ୍ରମଶକ୍ତି ଶ୍ରମିକ ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଶାନ୍ତ ମାଝି, ବିର୍ସାମୁଣ୍ଡା ଶ୍ରମ ମଙ୍ଗଳ ସଙ୍ଗଠନ ଛୋଟୁ ଖାଡ଼ିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ ଶ୍ରମିକ ପରିବାର ଯୋଗଦେଇ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତ୍ରୀ ଶକୁନ୍ତଳା ମୁଣ୍ଡାରୀ, ଫୁଲ ଏକ୍କା, ବାସନ୍ତୀ କୁଜୁର, ଉଷାରାଣୀ ସିଂ, ମମତା ଲାକ୍ରା, ମୁନୀ ଭୂମିଜଙ୍କ ସହ ଶ୍ରମିକ ନେତା ନିତିଶ ମିଶ୍ର, ରୂପେଶ ନାୟକ, ବିଦ୍ୟାଧର ମାଝି, କରନ ସାଣ୍ଡିଲ, ଶଙ୍କର ବଡ଼ାଇକଙ୍କ ବହୁ ଶ୍ରମିକ ନେତା ଉପସ୍ଥିତ ଥିଲେ।

● ବଣାଇଁ ବିଧାନସଭା ନିର୍ବାଚନମଣ୍ଡଳୀ

## ବିଜେପି ପ୍ରାର୍ଥୀ ସେବତୀ ନାଏକଙ୍କ ପ୍ରାର୍ଥିପତ୍ର ଦାଖଲ

ବଣାଇଁ, ୩।୫(ସମିସ) : ଆସନ୍ତା ମେ ୨୦ ତାରିଖରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ପାଇଁ ଆଜି ନାମାଙ୍କନ ଦାଖଲର ଅନ୍ତିମ ଦିବସରେ ବଣାଇଁ ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ଭାବେ ମହିଳା ନେତ୍ରୀ ସେବତୀ ନାଏକ ନାମାଙ୍କନ ଦାଖଲ କରିଥିଲେ । ବାବା ବାଣେଶ୍ୱରଙ୍କ ପୂଜାର୍ଚ୍ଚନା ପରେ ଦେଓଗାଁ ଛକଠାରୁ ଏକ ଶୋଭାଯାତ୍ରାରେ ସେବତୀ ନାଏକ ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଜୁଏଲ ଓରାମଙ୍କ ସହିତ ବିଜେପିର ବହୁ ବରିଷ୍ଠ ନେତା ସାମିଲ ହୋଇଥିଲେ। ସେମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟନିକଟରେ ବଣାଇଁ ଉପଜିଲ୍ଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀଙ୍କ ନିକଟରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେବତୀ ନାଏକ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସମଗ୍ର ଓଡ଼ିଶାରେ ବିଜେପି ଭଲ ପ୍ରଦର୍ଶନ କରିବା ସହ ବଣାଇଁରେ ମଧ୍ୟ ବିଜୟ ଲାଭ କରିବ ବୋଲି ସାଂସଦ ପ୍ରାର୍ଥୀ ଜୁଏଲ ଓରାମ ପ୍ରକାଶ କରିଥିଲେ। ଏଥିରେ ଜିଲ୍ଲା କାର୍ଯ୍ୟକାରୀଣି ସଦସ୍ୟ ରାହାସ ବିହାରି ପ୍ରଧାନ, ଜିଲ୍ଲା ସମ୍ପାଦକ ଅଭୀରାମ ମାହାକୁଡ, ସଭାପତି ମନୋଜ ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ଶାନ୍ତାନୁ ଦାସ, ଜିଲ୍ଲା ସଂଯୋଜକ ଗୋବିନ୍ଦ ସାହୁ, ହେମନ୍ତ କୁମାର ସାହୁ, ଆହ୍ଲାଦ କୁମାର ବଡେଇ ଓ ବିଭିନ୍ନ ବ୍ଲକ୍ ର ସଭାପତି, ସମ୍ପାଦକ ଓ ଦଳୀୟ କର୍ମୀ ମାନେ ଯୋଗଦେଇଥିଲେ। ସେହିପରି ଭାବେ ବଣାଇଁ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦୁଇଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ।



## ଆର୍ଏସ୍‌ପି ବ୍ଲାଷ୍ଟ ଫର୍ଣ୍ଣେସ୍-୧ ର ବିଏଲ୍‌ଟି ଭଲ୍‌ଭର ମରାମତି ଓ ପ୍ରତିରୋପଣ ଦ୍ୱାରା କମ୍ପାନୀର ବିପୁଳ ସଞ୍ଚୟ ସାଧନ

ରାଉରକେଲା, ୩।୫(ସମିସ):



ସେଲ ଆରଏସପିର ବ୍ଲାଷ୍ଟ ଫର୍ଣ୍ଣେସ୍-୧ ର ବ୍ୟବହାର ପାଇଁ ଷ୍ଟକ୍ ହାଉସ୍ ଚାର୍ଜିଂ ସାଇଡର ଏକ ଉତ୍ସର୍ଗୀକୃତ ତଥା ଉଦ୍ୟୋଗୀ ଦଳ, ବ୍ଲାଷ୍ଟ ଫର୍ଣ୍ଣେସ୍- ୩ର ଏକ କ୍ଷତିଗ୍ରସ୍ତ ପୁରୁଣା ଭଲଭ୍ କେସିଂ ୟୁନିଟ୍ (ଭି ସି ୟୁ)କୁ ସଫଳତାର ସହ ପୁନଃନିର୍ମାଣ କରିଛନ୍ତି। ଏହି ପ୍ରୟାସ, କମ୍ପାନୀ ପାଇଁ ବହୁ ସଞ୍ଚୟ ଆଣିବା ସହିତ ନିରବଚ୍ଛିନ୍ନ ଉତ୍ପାଦନକୁ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଛି । ଇନ୍ୱରସନ୍ ଫନେଲ୍, ବଏଲ୍ ଆସେମ୍ବ୍ଲି, ଏଲଏମଜି ଲାଇନ୍ସ ଏବଂ ବାହ୍ୟ ହାଇଡ୍ରୋଲିକ୍ ଆକଚୁଏଟର୍ ପରି ଆଭ୍ୟନ୍ତରୀଣ ଯନ୍ତ୍ରାଂଶର ମରାମତି ପାଇଁ ଏହି କାର୍ଯ୍ୟ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ବ୍ଲାଷ୍ଟ ଫର୍ଣ୍ଣେସ୍ -୧ ରେ ଥିବା ଭଲଭ୍ ଆକ୍ଟୁଏଟିଂ ୟୁନିଟ୍ ଫର୍ଣ୍ଣେସରେ କଞ୍ଚାମାଲ ନିର୍ଗତ କରିବାରେ ବାରମ୍ବାର ସମସ୍ୟା ସୃଷ୍ଟି ହେଉଥିଲା। ତେଣୁ, ଅପ୍ରେଲ ୨୨ ତାରିଖ ଦିନ ପୁରୁଣା ଭିଏୟୁ ର ପୁନଃ ମରାମତି ସହିତ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଥିଲା, ଯାହା ୩୬ ଘଣ୍ଟାର ଏକ ଆହ୍ୱାନମୂଳକ ସମୟ ମଧ୍ୟରେ ସ୍ଥାନାନ୍ତର କାର୍ଯ୍ୟ ସମାପ୍ତ ହୋଇଥିଲା । ଉକ୍ତ ୟୁନିଟ୍ ସମ୍ପ୍ରତି ସୁରୁଖୁରୁରେ ଚାଲୁଥିବା ଜଣାପଡିଛି। ଆଇରନ ବିଭାଗର ସିଜିଏମ୍ ବି ପଲାଇ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଜିଏମ୍ ଇନ୍-ଚାର୍ଜ ପି କେ ମହାପାତ୍ରଙ୍କ ନେତୃତ୍ୱରେ ଏହି ଉଦ୍ୟୋଗୀ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି ଟିମରେ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଜିଏମ ଏସ୍ ଦେବ, ଏମ୍ ବେହେରା ଓ ଏସ ଚନ୍ଦା, ଏଜିଏମ ଏ ବେହେରା, ସିନିୟର ମ୍ୟାନେଜର ଏସ୍ ବି ଶତପଥୀ, ଏସ୍ ଲେଙ୍କା, ପି କେ ପାତ୍ର, ଆର ସି ଦତ୍ତ, ଜି ବି ମହନ୍ତ, ବି ଓରାମ ଏବଂ ଜି ବେହେରା ଅନ୍ତର୍ଭୁକ୍ତ ଥିଲେ।

## ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଦକ୍ଷତା ବିକାଶ ତାଲିମ ପାଇଁ ୩୦ ଯୁବକଯୁବତୀ ପ୍ରାୟୋଜିତ





ରାଉରକେଲା, ୩।୫(ସମିସ): ସେଲ ରାଉରକେଲା ଇସ୍ପାତ କାରଖାନା ଏହାର ସିଏସ୍ଆର୍ ପ୍ରୟାସର ଅଂଶ ସ୍ୱରୂପ ଭାରତ ସରକାରଙ୍କ ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ଅଧୀନସ୍ଥ ରାସାୟନିକ ଏବଂ ପେଟ୍ରୋକେମିକାଲ୍ ବିଭାଗ ପରିଚାଳିତ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ)ରେ ନିଯୁକ୍ତି ସୁଯୋଗ ପାଇଁ ଦକ୍ଷତା ବିକାଶ ତାଲିମ ନେବା ପାଇଁ ପାର୍ଶ୍ୱାଞ୍ଚଳ ଗ୍ରାମରୁ ଆର୍ଥିକ ଅନଗ୍ରସର ଓ ଅବହେଳିତ ବର୍ଗର ୩୦ ଜଣ ଯୁବକଯୁବତୀଙ୍କୁ ପ୍ରାୟୋଜିତ କରିଛି। ସେକ୍ଟର - ୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ଏକ ଉତ୍ସବରେ ଆରଏସପିର କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହି ଯୋଜନା ଅଧୀନରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ସହିତ ମତବିନିମୟ କରିଥିଲେ। ଏହି ଅବସରରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ପି କେ ସ୍ୱାଇଁ, ସିଏସଆର ବିଭାଗର ମହାପ୍ରବନ୍ଧକ ସୁଶ୍ରୀ ମୁନମୁନ ମିତ୍ର, ଉପମହାପ୍ରବନ୍ଧକ ଟି.ବି. ଟପ୍ପୋ, ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାପର ଓ ଦୃଢଚିତ୍ତ ସହକାରେ ଟ୍ରେନିଂର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ ଯାହା ସେମାନଙ୍କର ଉଜ୍ଜଳ ଭବିଷ୍ୟତ ଗଢିବାରେ ସହାୟକ ହେବ। ପାଠ୍ୟକ୍ରମରେ ଯୋଗ ଦେବାକୁ ୩୦ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ବ୍ୟାଚ୍ କୁ ନେଇ ଯାଉଥିବା ବସ୍‌ରୁ ସେ ପତାକା ଦେଖାଇ ଯାତ୍ରାରମ୍ଭ କରିଥିଲେ।

ଉଲ୍ଲେଖଯୋଗ୍ୟ, ଆରଏସପି ଆନୁମାନିକ ୬୩ ଲକ୍ଷ ଟଙ୍କା ମୂଲ୍ୟରେ ଏହି ପ୍ରକଳ୍ପ ନେଇଛି। ଏହି ସିଏସଆର ଯୋଜନା ୨୦୨୧-୨୨ରେ ଆରମ୍ଭ କରାଯାଇଥିଲା। ଅଦ୍ୟାବଧି ୧୩୦ ଛାତ୍ରଛାତ୍ରୀ ଏହି ଯୋଜନା ଅଧୀନରେ ପ୍ରାୟୋଜିତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ସମସ୍ତ ୭୦ ପ୍ରତିଷଦ ଅନୁଷ୍ଠାନର କ୍ୟାମ୍ପସ୍ ଚୟନରେ ବିଭିନ୍ନ କମ୍ପାନୀରେ ଚାକିରି ପାଇଁ ଚୟନ ହୋଇଛନ୍ତି। ଆରଏସପିର ପୁନର୍ବସତି କଲୋନୀ ଏବଂ ପାର୍ଶ୍ୱାଞ୍ଚଳ ବ୍ଲକରୁ ମନୋନୀତ ହିତାଧିକାରୀଙ୍କୁ ସିପେଟ ପ୍ଲାଷ୍ଟିକ୍ ପ୍ରକ୍ରିୟାକରଣରେ ୬ ମାସର ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବ। ପ୍ରଶିକ୍ଷଣ କାଳରେ ବିଦ୍ୟାର୍ଥୀମାନେ ସିପେଟ୍ ଅତ୍ୟାଧୁନିକ ପ୍ରୟୋଗଶାଳାମାନଙ୍କରେ ଜଟିଳ ପ୍ଲାଷ୍ଟିକ ବୈଷୟିକ ଜ୍ଞାନକୌଶଳର ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ବିଷୟରେ ଶିକ୍ଷାଲାଭ କରିବେ। ଏହି ଯୁବକଯୁବତୀଙ୍କ ସ୍ଥାୟୀ ଜୀବିକା ପାଇଁ ସିପେଟର ପ୍ରଶିକ୍ଷଣ ଏବଂ ନିଯୁକ୍ତି ସେଲ୍ ମାଧ୍ୟମରେ ତାଲିମ ପରେ ଉକ୍ତ କାର୍ଯ୍ୟକ୍ରମ ନିୟୋଜନ ସୁଯୋଗ ଉପଲବ୍ଧ କରାଇବ। ଦକ୍ଷତା ବିକାଶ ବ୍ୟତୀତ ଏହି କାର୍ଯ୍ୟକ୍ରମ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ଉଦ୍ୟୋଗୀ ଦକ୍ଷତା ପ୍ରଦାନ କରିବାରେ ମଧ୍ୟ ସାହାଯ୍ୟ କରିବ। ଏହି ପାଠ୍ୟକ୍ରମ ପାଇଁ ଆରଏସପି ସିଏସଆର ଛାତ୍ରଛାତ୍ରୀଙ୍କ ଆଡମିଶନ ଏବଂ ପାଠ୍ୟକ୍ରମ ଫି, ବହି, ହଷ୍ଟେଲ ଏବଂ ବୋର୍ଡିଂ ଚାର୍ଜ ଇତ୍ୟାଦିର ସମସ୍ତ ଖର୍ଚ୍ଚ ବହନ କରୁଥିବା ଜଣାପଡିଛି।

# ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ





**ବଣାଇଁ, ୩।୫(ସମିସ):** ବଣାଇଁ ବନଖଣ୍ଡ ବରସୁଆଁ ରେଞ୍ଜ ଅଧୀନରେ ଥିବା ଖଣ୍ଡାଧାର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ଥିବା ଜଣେ ବ୍ୟକ୍ତିକୁ ବରସୁଆଁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ବିହାର ଅଞ୍ଚଳର ହୋଇଥିବା ବେଳେ ସେ ଲହୁଣୀପଡ଼ାରେ ରହି ଲୁହାପଥର ପରିବହନ କରୁଥିବା ଟ୍ରକ୍‌ରେ ଡ୍ରାଇଭର ଭାବେ କାମ କରନ୍ତି। ତାଙ୍କ ନାମ ସତ୍ୟନାରାୟଣ ଯାଦବ (୩୮) ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁସାରେ ଗତକାଲି ସେ ଲହୁଣୀପଡ଼ାରୁ ଖାଲି ଟ୍ରକ୍ ନେଇ ଲୁହାପଥର ଆଣିବା ପାଇଁ ଓଏମସି ଅଭିମୁଖେ ଯାଉଥିବା ବେଳେ ଖଣ୍ଡାଧାର ସଂରକ୍ଷିତ ଜଙ୍ଗଲ ନିକଟରେ ରାସ୍ତା ଉପରେ ଗାଡ଼ି ଛିଡା କରି ସିଗାରେଟ୍ ଟାଣିଥିଲେ। ପରେ ଜ୍ୱଳନ୍ତ ସିଗାରେଟକୁ ନେଇ ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥିଲେ। ଫଳରେ ସଙ୍ଗେ ସଙ୍ଗେ ଜଙ୍ଗଲରେ ନିଆଁ ବ୍ୟାପିଥିଲା। ଏହି ସମୟରେ ବରସୁଆଁ ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀମାନେ ସେହି ରାସ୍ତାଦେଇ ଯାଉଥିବା ବେଳେ ଆସାମୀ ନିଆଁ ଲଗାଉ ଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ବରସୁଆଁ ରେଞ୍ଜ ଅଧିକାରୀ ନବୀନ ଚନ୍ଦ୍ର ପ୍ରଧାନ, ଫରେଷ୍ଟର ଗାୟତ୍ରୀବାଳା ପାତ୍ର, ବନରକ୍ଷୀ ବରୁଣ କୁମାର ଜେନା, ମାନସ ସାହୁ ଓ ସ୍କ୍ୱାର୍ଡ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ସହ ସମ୍ପୃକ୍ତ ଯୁବକ ସତ୍ୟ ନାରାୟଣ ଯାଦବକୁ କାବୁକରି ବରସୁଆଁ ରେଞ୍ଜ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ସେଠାରେ ଆସାମୀକୁ ପଚରା ଉଚରା କରିବା ପରେ ଶୁକ୍ରବାର ଆଜି ଜଙ୍ଗଲ ସଂରକ୍ଷଣ ଆଇନ ଅନୁସାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜ ଅଧିକାରୀ ନବୀନ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ପରେ ଉତ୍ତେଜନା



**ରାଉରକେଲା,୩।୫(ସମିସ):** ସ୍ଥାନୀୟ ସେକ୍ଟର - ୨ ଅଞ୍ଚଳରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ ହୋଇଛି। ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ସେକ୍ଟର -୩ ଥାନା ଅନ୍ତର୍ଗତ ସେକ୍ଟର -୨ ଏନ୍‌ଏସି ମାର୍କେଟ ସ୍ଥିତ ଓମଫେଡ ସମ୍ମୁଖ ମୁଖ୍ୟ ରାସ୍ତାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମୃତକ ହେଲେ, କୋଏଲ ନଗର ପାଣି ଟାଙ୍କି ନିକଟ ବସ୍ତିର ମୃତ୍ୟୁଞ୍ଜୟ ପ୍ରଧାନ(୩୨)। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମୃତ୍ୟୁଞ୍ଜୟ ସ୍କୁଟି ଯୋଗେ ଉକ୍ତ ରାସ୍ତା ଦେଇ ଯାଉଥିଲେ। ଏନ୍‌ଆଇଟି ପଟୁ ବିଜୁ ପଟ୍ଟନାୟକ ଛକ ଆଡ଼କୁ ଭାରିଯାନ ଆସୁଥିବା ବେଳେ ଧକ୍କା ଦେଇଥିଲା। ଫଳରେ ମୃତ୍ୟୁଞ୍ଜୟ ଛିଟିକି ରାସ୍ତାରେ ପଡି ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅପରପକ୍ଷେ ଦୁର୍ଘଟଣା ଘଟାଇ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ରାସ୍ତା ରୋକ୍ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ମୃତ୍ୟୁଞ୍ଜୟ ଏକ ଲାଇଟ ଏଣ୍ଡ ସାଉଣ୍ଡ ଦୋକାନରେ କାମ କରୁଥିଲେ। ଖବର ଲେଖାହେବା ଯାଏଁ ଉତ୍ତେଜନା ଜାରି ରହିଥିବା ଜଣାପଡିଛି।

# ଇଏସ୍‌ଆଇ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଉରକେଲା, ୩।୫(ସମିସ):** ରାଉରକେଲା ଶିଳ୍ପାଞ୍ଚଳ ସ୍ଥିତ ରାଜ୍ୟ ବୀମା କର୍ମଚାରୀ ଡିସପେନ୍ସାରୀ କର୍ମଚାରୀ ଗୌରାଙ୍ଗ ଚରଣ ଜେନା ଦୀର୍ଘ ୪୧ ବର୍ଷ ଚାକିରୀ କରି କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଡିସ୍ପେନ୍ସରୀ ପରିସର ମଧ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଇଏସ୍‌ଆଇ ବୀମା ଚିକିତ୍ସା ଅସ୍ୱୀକାରୀ ଡାକ୍ତର ରିନା କୁକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୀମା ଚିକିତ୍ସକ ଡାକ୍ତର ଅକ୍ଷୟ କୁମାର ନାୟକଙ୍କ ସମେତ ଡିସ୍ପେନ୍ସରୀର ବିଭିନ୍ନ ବିଭାଗର ଅନ୍ୟ କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ। ଦୀର୍ଘଦିନ ଧରି ଦକ୍ଷତା ଓ ନିଷ୍ଠାପର ଭାବରେ ଶ୍ରୀ ଜେନା କାର୍ଯ୍ୟ କରି ବୀମାଭୁକ୍ତ କର୍ମଚାରୀ ଓ ତାଙ୍କର ନିର୍ଭରଶୀଳ ସଦସ୍ୟଙ୍କ ସହିତ ସଂପୃକ୍ତ କର୍ତ୍ତୃପକ୍ଷଙ୍କର ମଧ୍ୟ ଶ୍ରଦ୍ଧା ଓ ବିଶ୍ୱାସଭାଜନ ହୋଇଥିଲେ। ତାଙ୍କର ଅବସର ଜୀବନ ସୁସ୍ଥ, ନିରାମୟ ଓ ଶାନ୍ତିପୂର୍ଣ୍ଣ ହେଉ ବୋଲି ସମସ୍ତେ କାମନା କରିଥିଲେ। ଏହି ଅବସରରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆର୍‌ଏସ୍‌ପିରେ କଣ୍ଟ୍ରାକ୍ଟର ସୁରକ୍ଷା ବ୍ୟବସ୍ଥା ମୂଲ୍ୟାଙ୍କନ ପ୍ରଣାଳୀ କାର୍ଯ୍ୟକ୍ଷମ

**ରାଉରକେଲା, ୩।୫(ସମିସ)**





ରାଉରକେଲା ଇସ୍ପାତ କାରଖାନାର ଇଡି (ୱାର୍କସ) ସମ୍ମେଳନ କକ୍ଷଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ ଆର ସୂର୍ଯ୍ୟବଂଶୀ, କଣ୍ଟ୍ରାକ୍ଟର ସୁରକ୍ଷା ବ୍ୟବସ୍ଥା ମୂଲ୍ୟାଙ୍କନ ପ୍ରଣାଳୀ ଏସଏପି ପ୍ଲାଟଫର୍ମରେ କାର୍ଯ୍ୟକ୍ଷମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆଇରନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବିଶ୍ୱରଞ୍ଜନ ପଲାଇ ଏବଂ ବହୁ ମୁଖ୍ୟ ମହାପ୍ରବନ୍ଧକ ଏବଂ ବହୁ ବିଭାଗଗୁଡିକର ଏଚଓଡି, ବରିଷ୍ଠ ଅଧିକାରୀ ଓ ମେଷର୍ସ ଇ ଆଣ୍ଡ ୱାଇର ପରାମର୍ଶଦାତାମାନେ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ପ୍ରଣାଳୀରେ କାରଖାନାର ବାର୍ଷିକ କାର୍ଯ୍ୟ ଯୋଜନା ମୂଲ୍ୟାଙ୍କନ, ପ୍ରାରମ୍ଭିକ ସୁରକ୍ଷା ତାରକା ମୂଲ୍ୟାୟନ, କ୍ରୟ ଅନୁରୋଧ ବୃଦ୍ଧି ଏବଂ ପ୍ରକ୍ରିୟାକରଣ ଏବଂ ଚୁକ୍ତିନାମା ପରବର୍ତ୍ତୀ ମୂଲ୍ୟାଙ୍କନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଉପରେ ଏହା ଫଳପ୍ରଦ ହୋଇପାରିବ।

ଏହି ଅବସରରେ ନିଜର ବକ୍ତବ୍ୟରେ ସୂର୍ଯ୍ୟବଂଶୀ ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ସଂପୂର୍ଣ୍ଣ ଦଳକୁ ଅଭିନନ୍ଦନ ଜଣାଇଥିଲେ। କଣ୍ଟ୍ରାକ୍ଟର ସୁରକ୍ଷା ବ୍ୟବସ୍ଥା ମୂଲ୍ୟାଙ୍କନ ପ୍ରଣାଳୀର ସବୁଠାରୁ ବଡ ଲାଭ ସମ୍ପର୍କରେ ଉଲ୍ଲେଖ କରି ସେ ଏହି ବ୍ୟବସ୍ଥା କଣ୍ଟ୍ରାକ୍ଟରମାନଙ୍କୁ ପ୍ରାରମ୍ଭିକ ସୁରକ୍ଷା ତାରକା ମୂଲ୍ୟାୟନ ସ୍କୋର ଏବଂ ପ୍ରମାଣପତ୍ର ପାଇଁ ଆବେଦନ କରିବାକୁ ସକ୍ଷମ କରିବ, ସୁରକ୍ଷା ଉତ୍କର୍ଷର ଏକ ନୂତନ ଯୁଗକୁ ସୂଚିତ କରିବ ବୋଲି କହିଥିଲେ। ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ସମଗ୍ର ଅପରେସନ୍ ପ୍ରକ୍ରିୟାରେ ଏହି ନୂତନ କଣ୍ଟ୍ରାକ୍ଟର ସୁରକ୍ଷା ମୂଲ୍ୟାଙ୍କନ ପ୍ରଣାଳୀର ଅନୁକୂଳତାଗୁଡିକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଏଚଏସଏମ-୧ ବିଭାଗର ଜିଏମ୍ ବିଶ୍ୱଜିତ୍ ମିଶ୍ର ଆରଏସପିରେ କଣ୍ଟ୍ରାକ୍ଟର ସୁରକ୍ଷା ମୂଲ୍ୟାଙ୍କନ ବ୍ୟବସ୍ଥା ସନ୍ଦର୍ଭରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଉଲ୍ଲେଖଯୋଗ୍ୟ, ଇଏମଡ଼ି ଏବଂ ଇଉଟିଲିଟି ବିଭାଗର ସିଜିଏମ ପି ଏସ୍ କନ୍ନନ୍ ଏହି କଣ୍ଟ୍ରାକ୍ଟର ସୁରକ୍ଷା ମୂଲ୍ୟାଙ୍କନ ବ୍ୟବସ୍ଥା ପରିଚାଳନା ସବ କମିଟିର ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ସେବା ବିଭାଗର ସିଜିଏମ୍ ଏମ୍‌ଏନଭିଏସ ପ୍ରଭାକର ଏବଂ ସି ଆଣ୍ଡ ଆଇଟି ବିଭାଗର ସିଜିଏମ୍ କେ କେ ସେନଗୁପ୍ତା, ସହ ଚେୟାର ଭାବରେ କାର୍ଯ୍ୟ କରିଥିଲେ। କଣ୍ଟ୍ରାକ୍ଟର ସୁରକ୍ଷା ମୂଲ୍ୟାଙ୍କନ ବ୍ୟବସ୍ଥା ସହିତ ଏସଏପିର ସମୁଦାୟ ଏକୀକରଣ ଏଚଏସଏମ-୧ ବିଭାଗର ଜିଏମ୍, ବିଶ୍ୱଜିତ୍ ମିଶ୍ର ଏବଂ ସି ଆଣ୍ଡ ଆଇଟି ବିଭାଗର ଏଜିଏମ୍ ଭି ପି ଅରୟାଙ୍କ ଦ୍ୱାରା ହାସଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ଦ୍ୱାରା ସଂଯୋଜନା କରିଥିଲେ।

# ଓଡ଼ିଆ ଭାଷା ବିକାଶ ମଞ୍ଚର ଲେନିନ ଜୟନ୍ତୀ ପାଳିତ



**ରାଉରକେଲା, ୩।୫(ସମିସ):** ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ କଲଚରାଲ ଏକାଡେମୀ ସଭାଗୃହରେ ମଞ୍ଚର ସଭାପତି ପ୍ରଶାନ୍ତ କୁମାର ପତିଙ୍କ ସଭାପତିତ୍ୱରେ ଲେନିନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମାର୍କସୀୟ ଚେତନାର ବିଶିଷ୍ଟ ଗବେଷକ ହେତୁ ତତ୍ତ୍ୱବିତ୍ ପଶୁପତିନାଥ ଚାଟାର୍ଜୀ ମୁଖ୍ୟ ଅତିଥି ଏବଂ ମାର୍କସୀୟ ଚେତନାର ବିଶିଷ୍ଟ ବ୍ୟାଖ୍ୟାକାର ଗଗନ ବିହାରୀ ଧଳ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଆଲୋଚନାଚକ୍ରର ପ୍ରାରମ୍ଭିକ ସୂଚନା ପୂର୍ବକ ଲେନିନଙ୍କ ଜୀବନର ଆରମ୍ଭରୁ ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ତାଙ୍କର ବୈପ୍ଲବିକ କାର୍ଯ୍ୟଧାରାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟ ଆଲୋଚକ ଶ୍ରୀ ଧଳ ମାର୍କସୀୟ ଚେତନାର ସଠିକ୍ ପରିବର୍ତ୍ତନ ଓ ପରିବର୍ଦ୍ଧନର ପଥପୁରୋଧା ରୂପେ ଗଣତନ୍ତ୍ର ଓ ସମାଜବାଦର ଐକସ୍ଥାପନା ପୂର୍ବକ ଜାରଶାସନର ସମାଧି ଉପରେ ଗଣତାନ୍ତ୍ରିକ ରାଷ୍ଟ୍ରଗଠନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଚାଟାର୍ଜୀ ସର୍ବହରାର ସାର୍ବଭୌମତ୍ୱ ପ୍ରତିଷ୍ଠା ଦିଗରେ ତାଙ୍କର କ୍ରାନ୍ତିକାରୀ ଅଭିନବ ବିପ୍ଳବ ସମ୍ପର୍କରେ ସୂଚନା ଦେଇ ତାଙ୍କର ପ୍ରଜ୍ଞା, ପ୍ରତିଭା, ଅଧ୍ୟୟନ ପିପାସା ଏବଂ ଅକ୍ଳାନ୍ତ ଚେଷ୍ଟା ଯୋଗୁ ସ୍ୱଦେଶ ପ୍ରୀତି ଓ ସଂସ୍କୃତିପ୍ରତି ମମତା ଥିବା ସତ୍ତ୍ୱେ ସାରା ବିଶ୍ୱର ଜଣେ ଅପ୍ରତିଦ୍ୱନ୍ଦୀ ଜନନାୟକ ରୂପେ କିପରି ପ୍ରତିଷ୍ଠା ଲାଭ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରଗତିଶୀଳ ସାହିତ୍ୟ ସନ୍ଧ୍ୟାରେ ଆଲୋଚନାଚକ୍ର ପରେ ରାଉରକେଲା ବେତାର କେନ୍ଦ୍ରର ଉଦଘୋଷକ କବି ଅଶୋକ କୁମାର ରାଉତଙ୍କ ସଂଯୋଜନାରେ ସହରର ପ୍ରବୀଣ ଓ ତରୁଣ କବି ଓ କବୟତ୍ରୀ ମଧ୍ୟରୁ ଭୂପେନ ମହାପାତ୍ର, ବିଜୟିନୀ ଜେନା, ତ୍ରିନାଥ ସିଂହ, ତ୍ରିଲୋଚନ ମଥାନ, ରଶ୍ମି ସାହୁ, ସ୍ନେହଲତା ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ଅଶୋକ ପଟ୍ଟନାୟକ, ଗୀତାରାଣୀ ବେହେରା, ସଞ୍ଜୀବ ଭୋଇ, ଗୌତମ ଦାସ, ପ୍ରତାପ କୁମାର ପଣ୍ଡା, ଅର୍ଚ୍ଚନା ପାତ୍ର, ସୁନୀଲ ମହାନ୍ତି, ବ୍ରହ୍ମାନନ୍ଦ ପାଢ଼ୀ, ସତ୍ୟ ନାରାୟଣ ଦାସ ପ୍ରମୁଖ କବିତା ପାଠ କରିଥିଲେ। କାଶୀନାଥ ନନ୍ଦୀ ଓ ବଳରାମ ରାଉଳ ସ୍ୱଅନୁଭବର କଥାକୁ ଗଳ୍ପ ରୂପରେ ଅବତାରଣା କରିଥିଲେ। ସଭାପତି ଶ୍ରୀ ପତି ସମଗ୍ର ସାହିତ୍ୟ ସନ୍ଧ୍ୟାର ନିର୍ଯ୍ୟାସକୁ ଉପସ୍ଥାପନ କରି ସାହିତ୍ୟ କିପରି ବିଶ୍ୱ ପରିବର୍ତ୍ତନରେ ବିଶେଷ ଭୂମିକା ଗ୍ରହଣ କରିଥାଏ ବୋଲି ମତ ପ୍ରକାଶ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାହିତ୍ୟ ସନ୍ଧ୍ୟାରେ ସହରର ବହୁ ବୁଦ୍ଧିଜୀବୀ, ଲେଖକ, କବି, ସାହିତ୍ୟାନୁରାଗୀ ସମେତ ପ୍ରହ୍ଲାଦ ଦାସ, ସୁମନ ଦତ୍ତ, ଡଃ କୃପାସିନ୍ଧୁ ନାୟକ, ଅକ୍ଷୟ କୁମାର ସାମଲ, କାଶୀନାଥ ପାତ୍ର, ପ୍ରଫୁଲ୍ଲ ସାମଲ, ଧୋବେଇ ବେହେରା, ଶ୍ରୀଧର ସୁନା, ପ୍ରବୀର କୁମାର ଦୁବେ, ପର୍ଶୁରାମ ପଟ୍ଟନାୟକ, ଡକ୍ଟର ନଗେନ ଦାସ, ଅକ୍ଷୟ କୁମାର ପଣ୍ଡା, ଗଙ୍ଗାଧର ପୁହାଣ ଏବଂ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଦଳରେ ଯୋଗ ଦେଇଥିବା ନେତାମାନଙ୍କୁ ବିଜେଡିର ସ୍ୱାଗତ



**ରାଉରକେଲା, ୩।୫(ସମିସ):** ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ନେତାମାନଙ୍କୁ ରାଉରକେଲା ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ରାଉରକେଲା ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ନିର୍ବାଚନ ପରିଚାଳନା ଷ୍ଟିୟରିଂ କମିଟିର ଅଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମାରୁୱାଡ଼ି ଯୁବ ମଞ୍ଚ ସଭାପତି ନରେଶ ଅଗ୍ରୱାଲ, ରାମପ୍ରତାପ ଆଖଡା ସଭାପତି ଜିତେନ୍ଦ୍ର ଅଗ୍ରୱାଲ, ଯୁବନେତା ବଜରଙ୍ଗ ଗୋୟେଲ, ଏବଂ ନୂତନ ଭାବେ ଦାୟିତ୍ୱ ପାଇଥିବା ବିଜେଡି ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସେଠୀଙ୍କୁ ଫୁଲ୍ଲଗୁଚ୍ଛ ଦେଇ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏବଂ ଦଳୀୟ ନେତୃବର୍ଗ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଗଗନ ପଣ୍ଡା, ସୁରେନ୍ଦ୍ର ରାଉତ, କୈଳାଶ ପ୍ରଧାନ, ଛବି ମହାନ୍ତି, ଜ୍ୟୋତ୍ସ୍ନା ନାୟକ, ଶ୍ରୀଚରଣ ମହାନ୍ତି, ସନ୍ତୋଷ ନାୟକ, ଜୟନ୍ତ କୁମାର ମିଶ୍ର, ବିଲାଲ ଆହମଦ, ଚନ୍ଦନ କବି, ସୁବାସ ସ୍ୱାଇଁ, ତ୍ରୈଲୋଚନ ସାମଲ, ସୁରେଶ ମାଝି, ମୁନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଚାପମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ପ୍ରୟାସ

# ଲହୁଣୀପଡ଼ା ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ଲହୁଣୀପଡ଼ା, ୩।୫ (ସମିସ) :** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ଲହୁଣୀପଡା ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଥିବା ଜଣାପଡ଼ିଛି। ଲହୁଣୀପଡ଼ା ଥାନା ଅଧିକାରୀ ସ୍ୱରାଜ କୁମାର ଝଙ୍କାରଙ୍କ ନେତୃତ୍ୱରେ ୧ ପ୍ଲାଟୁନ ବିଏସଏଫ, ୨ ପ୍ଲାଟୁନ ଆଇଆରବି ଏବଂ ସ୍ଥାନୀୟ ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇ ଲୋକଙ୍କ ସଚେତନତା ନିମିତ୍ତ ମାଇକିଙ୍ଗ ଜରିଆରେ ସଚେତନତା କରାଯାଇଥିଲା। ଏହି ଫ୍ଲାଗ ମାର୍ଚ୍ଚ ଖୁଟୁଗାଁ ଠାରୁ ନୂଆଡିହ, ରୁଗୁଡା ଠାରୁ ଜାଙ୍ଗଲା ଏବଂ କୁଲିପୋଷ ପଞ୍ଚାୟତ ଅଞ୍ଚଳରେ ପରିକ୍ରମା କରିଥିବା ଜଣାପଡ଼ିଛି। ଅବାଧ, ଭୟମୁକ୍ତ, ତଥା ଚାପ ମୁକ୍ତ ହୋଇ କିପରି ଜନସାଧାରଣ ନିର୍ବାଚନ ପରିଚାଳନାରେ ଭାଗନେବ ସେଥିପାଇଁ ଜନସାଧାରଣଙ୍କ ମନରେ ବିଶ୍ୱାସ ଏବଂ ଭରସା ସୃଷ୍ଟିକରିବା ଏହି ଫ୍ଲାଗ ମାର୍ଚ୍ଚ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଲହୁଣୀପଡା ଥାନା ଅଧିକାରୀ ସୂଚନା ଦେଇଥିବା ବେଳେ ନିର୍ବାଚନ ପରିଚାଳନାରେ କିଭଳି ଶାନ୍ତିଶୃଙ୍ଖଳା ବଜାୟ ରହିବ ଏହାର ମୁଖ୍ୟ ଉଦେଶ୍ୟ ବୋଲି କହିଛନ୍ତି। ଏହି ଫ୍ଲାଗ ମାର୍ଚ୍ଚରେ ଏସ ଆଇ ପ୍ରିୟବ୍ରତ ବେହେରା, ପ୍ରସନ୍ନ କୁମାର ଜେନା, ରଶ୍ମିରଞ୍ଜନ ପରିଜା , ମୋନାଲିସା ମହାନ୍ତି, ଏ ଏସ ଆଇ ହରିହର ପାଲ ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀ ସହାୟତାରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା।

# ରାଉରକେଲା 'ଅରୁନ୍ଧତୀ ଜୁଏଲର୍ସ'ର ତୃତୀୟ ବାର୍ଷିକ ମହୋତ୍ସବ

**ରାଉରକେଲା ୩।୫(ସମିସ) :** ଓଡିଶାର ସର୍ବବୃହତ୍ତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଉରକେଲା ଠାରେ ମେ ମାସ ୨ ତାରିଖରେ ସୋ ରୁମ୍‌ରେ ତୃତୀୟ ବାର୍ଷିକ ମହୋତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ, ଅରୁନ୍ଧତୀର ଏହି ସଫଳ ଯାତ୍ରାରେ ସମସ୍ତ ଗ୍ରାହକବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଅରୁନ୍ଧତୀ ଉପରେ ଥିବା ଅତୁଟ ବିଶ୍ୱାସ ଆଜି ଅରୁନ୍ଧତୀକୁ ରାଜ୍ୟର ସର୍ବବୃହତ୍ତ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଭାବରେ ପ୍ରତିଷ୍ଠିତ କରିପାରିଛି। ସେଥିପାଇଁ ସମସ୍ତ ଗ୍ରାହାକବନ୍ଧୁଙ୍କୁ ଅରୁନ୍ଧତୀ ପରିବାର ତରଫରୁ ହୃଦୟର ଅନ୍ତରରୁ କୃତଜ୍ଞତା ଓ




ଧନ୍ୟବାଦ ଅର୍ପଣ କରୁଛୁ। ଏହି ତୃତୀୟ ବାର୍ଷିକ ଉତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ସର୍ବୋତ୍ତମ ଡିଜାଇନର ସଂପୂର୍ଣ୍ଣ ଏଚୟୁଆଇଡି ହଲମାର୍କ ସୁଦ୍ଧତାଯୁକ୍ତ ସୁନାଗହଣା, ହୀରାଗହଣା ଓ ରୂପା ଗହଣା ସତନ୍ତ୍ରଭାବେ ପ୍ରସ୍ତୁତ କରାଯାଇଥିବା ସହ ସୁନା ଗହଣାର ପ୍ରତି ଗ୍ରାମ ଗଢା ମଜୁରୀ ପିଛା ଫ୍ଲାଟ ୭୯୯ ଟଙ୍କା ରହିଥିବା ବେଳେ ପ୍ରତ୍ୟେକ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ସହିତ, ୩୫ ଜଣ ଲକ୍ଷପତି ହେବାର ସୁଯୋଗ ଗ୍ରାହାକମାନଙ୍କ ପାଇଁ ରଖାଯାଇଅଛି। ଏହି ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ଅରୁନ୍ଧତୀ ଜୁଏଲର୍ସର ତରଫରୁ ସମସ୍ତ ଗ୍ରାହକବନ୍ଧୁମାନଙ୍କୁ ସାଦର ନିମନ୍ତ୍ରଣ କରାଯାଇଛି।

# ରାଉରକେଲା ଇଂଜିନିୟରିଂ ୱାର୍କର୍ସ ୟୁନିୟନର ମେ' ଦିବସ ପାଳିତ

**ରାଉରକେଲା, ୩।୫(ସମିସ):** କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ଦ୍ୱାରା ପରିଚାଳିତ ରାଉରକେଲା ଇଂଜିନିୟରିଂ ୱାର୍କର୍ସ ୟୁନିୟନ ତରଫରୁ ଡେଲିମାର୍କେଟ ସ୍ଥିତ ୱାର୍କର୍ସ ଏଣ୍ଡ ପିଜାଣ୍ଟସ ହାଉସ ଠାରେ ଶ୍ରମିକ ଶ୍ରେଣୀର ବିଜୟର ପ୍ରତୀକ ରକ୍ତ ପତାକା ଉତ୍ତୋଳନ ଓ ଶହୀଦ ବେଦୀରେ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୟୁନିୟନର ବରିଷ୍ଠ ସଦସ୍ୟ ନିରାକାର ଜେନା ପତାକା ଉତ୍ତୋଳନ କରିଥିଲେ। ସମୂହ ଶ୍ରମିକ




ଓ ଶ୍ରମିକ ନେତାମାନେ ଶହୀଦ ବେଦୀରେ ମାଲ୍ୟାର୍ପଣ କରିଥିଲେ। ବିଜୟ ସାହୁ, କ୍ଷେତ୍ରବାସୀ ସେଠିଙ୍କ ସମେତ ବିଭିନ୍ନ କାରଖାନାର ଶ୍ରମିକ ଓ ଶ୍ରମିକ ନେତା ସର୍ବଶ୍ରୀ ଜନସନ ଲୁମୁଙ୍ଗା, ଲାଲୁ ଓରାମ, ପ୍ରଭାତ ମହାପାତ୍ର, ଧର୍ମୁ ମିଞ୍ଜ, ସୁଶୀଲ କୁମାର ବାରିକ, ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସାମ୍ପ୍ରତିକ ଦେଶର ମାଲିକ ପୁଞ୍ଜିପତି ଶ୍ରେଣୀ ତୋଷଣକାରୀ କେନ୍ଦ୍ରରେ ମୋଦୀ-ବିଜେପି ସରକାରଙ୍କ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ବ୍ୟାପକ ଶ୍ରମିକ ଆନ୍ଦୋଳନ ଗଢିତୋଳିବାକୁ ଏହି ଦିବସରେ ଆହ୍ୱାନ ଦିଆଯାଇଛି। ଶ୍ରମିକ ବିରୋଧୀ କଳା ଶ୍ରମ କୋଡ ବାତିଲ କରି ଶ୍ରମିକଙ୍କ ମଜୁରୀ ବୃଦ୍ଧି ପାଇଁ ଦାବି କରାଯାଇଛି।

## ଚେୟାରମ୍ୟାନ୍ ଟ୍ରଫି ଫର ୟଙ୍ଗ ମ୍ୟାନେଜର ପ୍ରତିଯୋଗିତା

# ଆର୍‌ଏସ୍‌ପିର ଦ୍ୱିତୀୟ ରନର୍ସ ଅପ୍ ହାସଲ





**ରାଉରକେଲା, ୩।୫(ସମିସ)**

ରାଞ୍ଚି ସ୍ଥିତ ସେଲ ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଠାରେ ଆୟୋଜିତ ଚେୟାରମ୍ୟାନ୍ ଟ୍ରଫି ଫର୍ ୟଙ୍ଗ୍ ମ୍ୟାନେଜର ପ୍ରତିଯୋଗିତାରେ ସେଲ, ରାଉରକେଲା ଇସ୍ପାତ କାରଖାନାର ଏକ ତିନିଜଣିଆ ଦଳ ଦ୍ୱିତୀୟ ରନର୍ସ ଅପ୍ ଟ୍ରଫି ହାସଲ କରିଛନ୍ତି। ୨୦୨୪ ମଇ ୧ ତାରିଖରେ ସେଲ କର୍ପୋରେଟ୍ ଅଫିସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେଲର ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସେଲ ବୋର୍ଡର ସଦସ୍ୟ, ବରିଷ୍ଠ ଅଧିକାରୀ ଏବଂ ସିଟିୱାଇଏମର ପୁରସ୍କାର ବିଜେତା ଉପସ୍ଥିତ ଥିଲେ।

ଦ୍ୱିତୀୟ ରନର୍ସ ଅପ୍ ବିଜେତା ଆରଏସପି ଦଳରେ ସି ଆଣ୍ଡ ଆଇଟି ବିଭାଗର ଏଜିଏମ୍ ଭି ପି ଅରୟା, ଏଚଆରଡି ବିଭାଗର ଏଜିଏମ୍ କେ କେ ଜୟସ୍ୱାଲ ଏବଂ ସି ଆଣ୍ଡ ଆଇଟି ବିଭାଗର ଏଜିଏମ୍ ସଞ୍ଜୟ ଗୌତମଙ୍କୁ ନେଇ ଗଠିତ ହୋଇଥିଲା। ଚଳିତ ବର୍ଷର ଏହି ପୁରସ୍କାର ପ୍ରତିଯୋଗିତାର ବିଷୟବସ୍ତୁ ରହିଥିଲା 'ଇଏସଜି ଗ୍ରହଣ ଦ୍ୱାରା ସ୍ଥାୟୀ ଭବିଷ୍ୟତ ସୃଷ୍ଟି: ସେଲ ପାଇଁ ଆହ୍ୱାନ ଓ ଆଗାମୀ ଭବିଷ୍ୟତ' । ଶ୍ରୀ ପ୍ରକାଶ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଉନ୍ନତ ଇଏସଜି ଗ୍ରହଣ ପାଇଁ କାରଖାନା ୟୁନିଟରେ କିଛି ବ୍ୟବହାରିକ ସମାଧାନ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ , ବୋକରୋ ଇସ୍ପାତ କାରଖାନାର ଦଳ ରନର୍ସ ଅପ୍ ପୁରସ୍କାର ପାଇଥିବା ବେଳେ ଭିଲାଇ ଇସ୍ପାତ କାରଖାନାର ଦଳ ଏହି ପ୍ରତିଯୋଗିତାର ଚାମ୍ପିଅନ୍ ହୋଇଥିଲେ। ସେଲ ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, ସିଜିଏମ୍ ଆଶିଷ ଚକ୍ରବର୍ତ୍ତୀ ଏହି କାର୍ଯ୍ୟକୁ ସଂଯୋଜନା କରିଥିଲେ।

ଲେଫ୍ରିପଡ଼ା ବ୍ଲକରେ ଯୋଗେଶଙ୍କ ନିର୍ବାଚନ ପ୍ରଚାର

# ଅଭିଯୋଗ ଶୁଣିଲେ, ସମାଧାନର ପ୍ରତିଶ୍ରୁତି ଦେଲେ

ସୁନ୍ଦରଗଡ଼, ୩।୫(ସମିସ)



ସୁନ୍ଦରଗଡ଼ ସଦର ବିଧାନସଭାର ବିଜେଡି ପ୍ରାର୍ଥୀ ଯୋଗେଶ କୁମାର ସିଂହ ଲେଫ୍ରିପଡ଼ା ବ୍ଲକରେ ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ଯୋଗେଶ ଅଁଳାବାହାଲ, ଝୁରିମାଲ, ଚାନ୍ଦପଡ଼ା, ଦିଆମୁଣ୍ଡା, ଖଲିଆପଡ଼ା, ବଡଖଲିଆପଡ଼ା, ଦେଉଲି, ସୁର୍ଗୁଡା, ଛଟେନପାଲି ଆଦି ଗ୍ରାମରେ ନିର୍ବାଚନୀ ସଭାରେ ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଅଞ୍ଚଳରେ ହୋଇଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ଏହି ବିକାଶ ଧାରାକୁ ବଜାୟ ରଖିବାକୁ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ ଜଣାଇଥିଲେ। ଗ୍ରାମବାସୀ ଯୋଗେଶଙ୍କ ଆଗରେ ବିଭିନ୍ନ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ସମସ୍ୟା ଉପସ୍ଥାପନ କରିଥିବା ବେଳେ ନିର୍ବାଚନ ପରେ ପ୍ରାଥମିକତା ଭିତ୍ତିରେ ଏ ସବୁର ସମାଧାନ କରିବାକୁ ସେ ଦୃଢ଼ ପ୍ରତିଶୃତି ଦେଇଥିଲେ। ବରିଷ୍ଠ ବିଜେଡି ନେତା ଡା. ହିମାଂଶୁ ଶେଖର ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ମନୋଜ ପଟେଲ, ଛଟେନପାଲି ସମିତି ସଭ୍ୟ ସୁଶାନ୍ତ କୁମାର ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦ ହେଉନି ଚୋରାମଦ କାରବାର

**ସୁନ୍ଦରଗଡ଼, ୩।୫(ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ରୋହିଦାସ ପଡ଼ାର ଜଣେ ଚୋରା ମଦ ବେପାରି ପୁଲିସ ଦ୍ୱାରା ଗିରଫ ହୋଇଥିଲେ ମଧ୍ୟ ଜାମିନରେ ମୁକୁଳି ଏହି ସାମାଜିକ କାର୍ଯ୍ୟ ନିୟମିତ ଚଳାଇ ଆସୁଛନ୍ତି। ଏହି ଚୋରା ମଦ ବେପାରି ଜଣକ ପ୍ରତିଦିନି ନିଜ ଘରେ ଦେଶୀ ମଦ ପ୍ରସ୍ତୁତ କରି ବିକ୍ରୀ କରୁଛନ୍ତି। ଫଳରେ ଲୋକେ ନିଜ ଘର ପାଖରେ ସୁବିଧାରେ ମଦ ପାଇ ମାତାଲ ହୋଇ ଉଠୁଛନ୍ତି। ମଦ୍ୟପାନ ଜନିତ କାରଣରୁ ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଘରେ ଘରେ କଳି କଜିଆ ହେଉଛି। ଯୁବକମାନେ ବିପଥଗାମୀ ହେଉଛନ୍ତି। କହିବାକୁ ଗଲେ ଗ୍ରାମରେ ଅଶାନ୍ତିର ବାତାବାରଣ ସୃଷ୍ଟି ହୋଇଛି। ଏଣୁ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

● ଭିନ୍ନକ୍ଷମ ଯୁବକଙ୍କ ମାନବିକତା

## ବସ୍‌ରୁ ପାଇଥିବା ମୋବାଇଲ୍ ଥାନାରେ ଜିମା ଦେଲେ

**ସୁନ୍ଦରଗଡ଼, ୩।୫(ସମିସ):** ଆଜିର ସମାଜରେ ମଣିଷ ନିଜର ମାନବିକତା ହରାଇ ବସିଥିବା ବେଳେ ବଡ଼ଗାଁର ଜଣେ ଭିନ୍ନକ୍ଷମ ମାନବିକତାର ନିଦର୍ଶନ ଦେଖାଇଛନ୍ତି। ସୁନ୍ଦରଗଡ଼ ନବୋପଡ଼ାର ଭିନ୍ନକ୍ଷମ ଯୁବକ ବିଜୟ ସୋରେଙ୍ଗ ବଡ଼ଗାଁ ବସଷ୍ଟାଣ୍ଡରେ ଥିବା ଅମ୍ଳାନ ଟେଲର ଦୋକାନରେ ସିଲେଇ କାରିଗର ଭାବେ କାର୍ଯ୍ୟରତ ଅଛନ୍ତି। ଶୁକ୍ରବାର ଦିନ ସେ ବଡ଼ଗାଁ ଆସୁଥିବା ବେଳେ ସୁନ୍ଦରଗଡ଼ ବସଷ୍ଟାଣ୍ଡରେ ବସ ଭିତରୁ ଏକ ମୋବାଇଲ ପାଇଥିଲେ। ଉକ୍ତ ମୋବାଇଲ ନେଇ ବଡ଼ଗାଁ ଆସି ଆସିବା ପରେ ବଡ଼ଗାଁ ବସଷ୍ଟାଣ୍ଡରେ ବସ ଏଜେଂଟ ଜୟନ୍ତ ବିଶିଙ୍କୁ ଜଣାଇଥିଲେ। ଜୟନ୍ତ ଉକ୍ତ ମୋବାଇଲକୁ ଯାଞ୍ଚ କରି ଏହା ସୁନ୍ଦରଗଡ଼ ଶଙ୍କରାର ବାସିନ୍ଦା ତଥା ଜଳସେଚନ ବିଭାଗରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀମନ୍ତ ଛତ୍ରିଆ ଙ୍କ ବୋଲି ଜାଣିବାକୁ ପାଇଥିଲେ। ଫଳରେ ସେ ଶ୍ରୀମନ୍ତଙ୍କ ବଡ଼ଗାଁ ଡକାଇ ତାଙ୍କ ମୋବାଇଲ ଫେରାଇ ଦେଇଛନ୍ତି। ଶ୍ରୀମନ୍ତଙ୍କ ପତ୍ନୀ ସଲୋନୀ ଜାଲ ନିଜ ଘରକୁ ଯାଉଥିବା ବେଳେ ଏହି ମୋବାଇଲ ବସ ରେ ଛାଡ଼ି ଦେଇଥିବା ଶ୍ରୀକାନ୍ତ କହିଛନ୍ତି। ଭିନ୍ନକ୍ଷମ ଯୁବକ ବିଜୟ ତାଙ୍କ ଏପରି ମାନବିକତା ପାଇଁ ବେଶ ପ୍ରଶଂସା ସାଉଁଟିଛନ୍ତି।

## ପୋଖରୀରେ ବୁଡ଼ି ମାଛ ଧରାଳିଙ୍କ ମୃତ୍ୟୁ

**ସୁନ୍ଦରଗଡ଼, ୩।୫(ସମିସ):** ଧରୁଆଡିହି ଥାନା ଅନ୍ତର୍ଗତ ବେଜିଡ଼ିହି ଗ୍ରାମର ଜଣେ ମାଛ ଧରାଳିଙ୍କ ଗାଁ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଶୁକ୍ରବାର ଦିନ ଗ୍ରାମର ବିନୋଦ କିସାନ (୩୫) ଗାଁ ପୋଖରୀକୁ ମାଛ ଧରିବାକୁ ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ମୃତ ଦେହ ଗାଁ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଅଭିଯୋଗ ପାଇ ପୁଲିସ ବିନୋଦଙ୍କ ମୃତଦେହ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ସଂରକ୍ଷିତ ରଖିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶନିବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

## ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ସମ୍ପର୍କିତ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼, ୩।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ସାଧାରଣ ନିର୍ବାଚନ -୨୦୨୪ ସମ୍ପର୍କିତ କୌଣସି ଅଭିଯୋଗ ରହିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଜନସାଧାରଣ ଅଭିଯୋଗ କରିପାରିବେ ବୋଲି ସୂଚନା ଦିଆ ଯାଇଛି। ତଳସରା, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ଦିଲୀପ ବାଳାକୃଷ୍ଣ ଗାଓଡେଙ୍କୁ ସାଧାରଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। କୌଣସି ଅଭିଯୋଗ ଜନସାଧାରଣ ମୋବାଇଲ/ ହ୍ୱାଟ୍ସଆପ୍ ନମ୍ବର ୭୯୭୮୮୩୨୭୮୩ ରେ ଯୋଗାଯୋଗ କରି ପାରିବେ। ଏହାଛଡା ଜିଲ୍ଲାପାଳ କାର୍ଯ୍ୟାଳୟରେ ଦିନ ୧୨ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ସାକ୍ଷାତ କରି ପ୍ରତ୍ୟକ୍ଷ ଅଭିଯୋଗ କରା ଯାଇ ପାରିବ। ସେହିପରି ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଓ ବଣାଇଁ ନିର୍ବାଚନ ମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ବିକାଶ ନରୱାଲଙ୍କୁ ୭୩୨୭୮୭୨୧୪୦ ମୋବାଇଲ ନମ୍ବର/ ହ୍ୱାଟ୍ସଆପ୍ ନମ୍ବରରେ ଯୋଗାଯୋଗ କରିପାରିବେ। ରାଉରକେଲା ହାଉସରେ ଅପରାହ୍ନ ୨ ଘଟିକାରୁ ୪ ଘଟିକା ଯାଏଁ ସାକ୍ଷାତ କରାଯାଇପାରିବ।

## କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ନେଇ ସଚେତନତା କାର୍ଯ୍ୟକ୍ରମ



**ସୁନ୍ଦରଗଡ଼, ୩।୫(ସମିସ) :** ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ସୁନ୍ଦରଗଡ଼ ସରକାରୀ ନର୍ସିଂ କଲେଜ ପରିସରରେ ଯୌନ ନିର୍ଯାତନା ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଚିବ ଶୁଭଶ୍ରୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି ମହିଳାଙ୍କ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧରେ ପ୍ରଣିତ ଆଇନ ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ପୀଡ଼ିତା ମାନେ କୌଣସି ଭୟ କିମ୍ବା ଚାପର ବଶବର୍ତ୍ତୀ ନ ହୋଇ ନିଶଙ୍କୋଚରେ ଆଇନର ଆଶ୍ରୟ ନେବାକୁ ପରାମର୍ଶ ଦେଇଥିଲେ। ମହିଳା ଆଇନଜୀବୀ ସୁପ୍ରଭା ପଟେଲ ଏ ସମ୍ପର୍କୀତ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ କଲେଜ ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା ଧନ୍ୟବାଦ ଦେଇଥିଲେ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ଼, ୩।୫(ସମିସ):** ଧରୁଆଡିହି ଥାନା ଅନ୍ତର୍ଗତ ତଳସରା ଗ୍ରାମର ଏକ ଘରକୁ ପସି ବଡ଼ଗାଁ ଥାନା ସାଲବିରା ଗ୍ରାମର ଜନୈକ ଯୁବକ ଜଣେ ୧୭ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସାଲବିରା ଗ୍ରାମର ସୁରୁ ମୁଣ୍ଡାଙ୍କ ବିବାହିତ ପୁଅ ପରମେଶ୍ୱର ମୁଣ୍ଡା (୨୫) ପତ୍ନୀଙ୍କ ସମେତ ଏକ ଛୋଟ ଶିଶୁ ସନ୍ତାନ ରହିଛି। ତଥାପି ସେ କାମାଶକ୍ତ ହୋଇ ରାତି ଅଧରେ ଅନ୍ୟ ଗ୍ରାମକୁ ଯାଇ ଏପରି ଦୁଷ୍କର୍ମ ଉଦ୍ୟମ କରିଥିଲେ। ନାବାଳିକାଙ୍କ ବାପା ଏ ନେଇ ଥାନାରେ ଏତଲା ଦେବା ପରେ ଏ ନେଇ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଶୁକ୍ରବାର ତାକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୁନ୍ଦରଗଡ଼ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

## କବିକର୍ଣ୍ଣ କାହ୍ନୁ ବାବାଙ୍କ ଶ୍ରାଦ୍ଧବାର୍ଷିକୀରେ ଶିଷ୍ୟଙ୍କ ସମାଗମ



**ହେମଗିରି,୩।୫(ସମିସ):** ଶୁକ୍ରବାର ଦିନ ହେମଗିରି ସତ୍ୟସାଗାର ବ୍ରାହ୍ମଣୀ ଗୁମ୍ଫା ଠାରେ କବିକର୍ଣ୍ଣ କାହ୍ନୁ ବାବାଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପୂଜାର୍ଚ୍ଚନା , ଧ୍ୱନି ସହ ପ୍ରସାଦ ସେବନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ଉପସ୍ଥିତ ଅନୁଗାମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବାବା ଗୁମ୍ଫା ପରିଚାଳନା କମିଟି ଉପସଭାପତି ଯାଦୁ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ବାବାଙ୍କ ଚିନ୍ତାଧାରାକୁ ଧୀରେ ଧୀରେ ପୂର୍ଣ୍ଣ କରିବା ହିଁ ବାବାଙ୍କ ପ୍ରତି ଉଚିତ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି ଜଣାଇଥିଲେ। ସମ୍ପାଦକ ରାଜେନ୍ଦ୍ର ହୋତା ଏକ କବିତା ମାଧ୍ୟମରେ ବାବାଙ୍କ ସରଳ ନିରାଡ଼ମ୍ବର ଜୀବନ ଜାପାନ ତଥା ସମାଜସେବା ମନୋଭାବକୁ ପ୍ରଦର୍ଶନ କରିଥିଲେ। କମିଟିର ଉପଦେଷ୍ଟା ବୃନ୍ଦାବନ ଠାକୁର, ଉମେଶ ପାଣ୍ଡେ , ମୁକ୍ତେଶ୍ୱର ପଟେଲ, ହିରୋ ପଟେଲ ପ୍ରମୁଖ ଙ୍କ ସମେତ ବହୁ ଅନୁଗାମୀ ଶିଷ୍ୟ ଉପସ୍ଥିତ ଥିଲେ। ବାବା ଗୁମ୍ଫା ପରିଚାଳନା କମିଟିର ସହ ସମ୍ପାଦକ ଅଲେଖ ଅର୍ଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ସାଙ୍ଗ କରି ଶେଷରେ ପ୍ରସାଦ ସେବନ କରାଯାଇଥିଲା।

## ରାଇଡ଼ିହି ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ



**କୁତ୍ରା, ୩।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ପଞ୍ଚରା ଗ୍ରାମପଞ୍ଚାୟତର ରାଇଡିହିଠାରେ ଅଷ୍ଟପ୍ରହରୀ ନାମଯଜ୍ଞ ଉଦଯାପିତ ହୋଇଯାଇଛି। ୨୯ ତାରିଖ ସନ୍ଧ୍ୟାରେ ଗ୍ରାମର ପୋଖରୀରୁ ୧୦୮ କଳସ ଯାତ୍ରା ବାହାରି ଶୁଭାଧିବାସ କରାଯାଇଥିଲା। ସୋମବାର ଦିନ ସକାଳେ ନାମ ସମାପନ ପରେ ଗ୍ରାମଭ୍ରମଣ କରିବା ସହିତ ଦଧିହାଣ୍ଡୀ ଭଙ୍ଗ ହୋଇଥିଲା। ଏହି ଉତ୍ସବରେ ସରୋଜ ମିଞ୍ଜ ଓ ରଶ୍ମିତା ମିଞ୍ଜ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗଡଗଡବାହାଲ, ଗଙ୍ଗଜଳ, ମାକିନପୁର, କୁଆଁରମୁଣ୍ଡା ଓ ଦଲକିବାହାଲ ନାମ ସଂକୀର୍ତ୍ତନ ମଣ୍ଡଳୀ ଏହି ସଂକୀର୍ତ୍ତନ ନାମଯଜ୍ଞରେ ଯୋଗଦେଇଥିଲେ। ରାଜକୁମାର କୁଜୁର, ମାନେଶ୍ୱର କୁଜୁର, ପ୍ରକାଶ ମାଝୀ, ଜନ୍ମ ମାଝୀ, ଗୌତମ ମାଝୀ, ଶତ୍ରୁଘ୍ନ ଲାକ୍ରା, ସୁମନ୍ତ ମାଝୀ, ହୃଦା ଲାକ୍ରା, ଦିଲ୍ଲିପ ଲାକ୍ରା, ସରୋଜ ଲାକ୍ରା, ପ୍ରତିମା ମାଝୀ ସମସ୍ତ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ବିଜେପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



**ହେମଗିରି, ୩।୫(ସମିସ):** ହେମଗିରି ବ୍ଲକ୍ ବିଜେପି ନେତା ଓ କର୍ମୀ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବହୁ ସଂଖ୍ୟକ ଜନ ସମାବେଶ ସହ ସୁନ୍ଦରଗଡ଼ ସମଲେଇ ମନ୍ଦିର ଠାରୁ ପଟୁଆରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଲୋକସଭା ପ୍ରାର୍ଥୀ ଜୁଏଲ ଓରାମଙ୍କ ସହ ବିଧାନସଭା ପ୍ରାର୍ଥୀ ଭବାନୀ ଶଙ୍କର ଓ କୁସୁମ ଟେଟେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ କରିଛନ୍ତି। ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ପରେ ନେତା ଓ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପରବର୍ତ୍ତୀ ପଦକ୍ଷେପ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି।

## ବିରବିରା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞର ଶୁଭାଧିବାସ

**ସୁନ୍ଦରଗଡ଼, ୩।୫(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ବିରବିରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ମଣ୍ଡପରେ ଅଷ୍ଟପହର ନାମଯଜ୍ଞର ଶୁକ୍ରବାର ସନ୍ଧ୍ୟାରେ ଶୁଭାଧିବାସ ହୋଇଛି। କଳସ ଶୋଭାଯାତ୍ରାରେ ପବିତ୍ର ଜଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି। ଶନିବାର ସକାଳୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ୨୪ ଘଣ୍ଟା ଧରି ଅହୋରାତ୍ର ଚାଲିବା ପରେ ରବିବାର ସକାଳେ ନାମ ସମାପନ ହେବ। ଏହା ପରେ ନଗର ଭ୍ରମଣ ଓ ଦଧିଭାଣ୍ଡ ଭଞ୍ଜନ କରାଯାଇ ଉଦଯାପନ ହେବ। ଅକ୍ଷୟ ପୁରୋହିତ ପୂଜା କାର୍ଯ୍ୟ ତୁଲାଉଥିବା ବେଳେ ସୁମିତ୍ର ନାଏକ ଓ ତାଙ୍କ ସହଧର୍ମୀ ସୁବର୍ଣ୍ଣ ନାଏକ କର୍ତା ଦାୟିତ୍ୱ ତୁଲାଉଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ରିଙ୍କୁ ନାଏକ, ମୌସମୀ ନାଏକ, ସମ୍ବିତ ନାଏକ, ରିଙ୍କି ପଟେଲ, ଅଶ୍ୱିନୀ ପଟେଲ, ପରୀ ପଟେଲ, ନରେନ୍ଦ୍ର ଶେଖର ଦେଓ, ହୃଦା ସା, ତରଣୀସେନ ନାଏକ, ଜୟ ସିଂ, ରଥ, ଆକାଶ ଶେଖର ଦେଓ, ସମୀର ସା, ସାଗର ସେଟ, ଦେବାନନ୍ଦ ସା, ଜୀବନନ୍ଦ ସା, ଅମରେଶ ଅମାତ, ପୃଥ୍ୱୀରାଜ ଶେଖର ଦେଓ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହେଉଛି।

# ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ






ସୁନ୍ଦରଗଡ଼, ୩।୫(ସମିସ)

ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ନରେଶ କୁମାର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ସର୍ବ ପ୍ରଥମେ ସଂଘ କାର୍ଯ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅତିଥି ପରିଚୟ ପ୍ରଦାନ ଓ ଇତିମଧ୍ୟରେ ପରଲୋକାଗତ ଘଟିଥିବା ସଂଘର ବରିଷ୍ଠ ସଦସ୍ୟ ମାନଙ୍କ ଅମରାତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା ପରେ ଦୀପ ପ୍ରଜ୍ୱଳନ ପୂର୍ବକ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କୁ ମହିଳା ଆଇନଜୀବୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିବା ବେଳେ ଓଡ଼ିଶା ଉଚ୍ଚ ନ୍ୟାୟଳୟର ବିଚାରପତି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ ଓ ଅଶୋକ କୁମାର ଦାସ ଉପଢୌକନ ଓ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ସମାରୋହରେ ଜଷ୍ଟିସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିବସର ତାତ୍ପର୍ଯ୍ୟତା ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୁର୍ନିତୀ ନିବାରଣ ଅଦାଲତର ସ୍ୱତନ୍ତ୍ର ଜଜ ରାଜଲକ୍ଷ୍ମୀ ପଟ୍ଟନାୟକ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ରାଧାକାନ୍ତ ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ ରାଜେଶ ଦାସ, ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ଜଜ ପୋକସୋ ମହେନ୍ଦ୍ର କୁମାର ସୂତ୍ରଧର, ରେଜିଷ୍ଟର ଦିଲୀପ କୁମାର ଶତପଥି, ବରିଷ୍ଠ ଆଇନଜୀବୀ ନିମାଇ ଚରଣ ନାଏକ, ଅଶୋକ ଦାସ, କମଳ ଲୋଚନ ସେନ, ଗିରିଶ ଚନ୍ଦ୍ର ସାହୁ, ସମିତା ମହାପାତ୍ର ଓ ସୁକାନ୍ତ ମହାପାତ୍ର ଆଇନଜୀବୀ ଦିବସ ଓ ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଶେଷରେ ସଂଘର ସମ୍ପାଦକ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ନିରଜ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ବାଦଲ ଚୌଧୁରୀ, କୋଷାଧ୍ୟକ୍ଷ ସରିତା ପଟେଲ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ପଟେଲ, ପ୍ରେମ କୁମାର, ଗୌତମ ହାତୀ, ରାଜେନ୍ଦ୍ର ବେକ, ସୁଶାନ୍ତ ସେଠି, କଲ୍ୟାଣ କମିଟି ସଦସ୍ୟ ନମିତା ନାଏକ, ଅଞ୍ଜନା ସାହୁ, ମାନସ ପଣ୍ଡା, ରବୀନ୍ଦ୍ର ମାଳି, ସଞ୍ଜୟ ପଟେଲ, ସୁନୀଲ ପଟେଲ ସମେତ ବରିଷ୍ଠ ଆଇନଜୀବୀ ପୌଷ ଚନ୍ଦ୍ର ପଟେଲ, ନବୀ ଇମାମ, ପରମେଶ୍ୱର ନାଏକ, ଜନ୍ମଜୟ ନାଏକ, ଯୁଗଳ କିଶୋର ଠାକୁର, କିଶୋର ନାଏକ, ପ୍ରଦୀପ ପଟେଲ, ଧର୍ମେଶ ପଟେଲ, ସୁରେନ୍ଦ୍ର ନାରାୟଣ ନାଏକ, ଅରୁଣ ପଟେଲ, ପ୍ରଦୀପ ମହାପାତ୍ର, ପ୍ରଦୀପ ମହାନ୍ତି, ଅରୁଣ ଯୋଶୀ, କୈଳାଶ ନାଏକ, ଅଚ୍ୟୁତାନନ୍ଦ ବହିଦାର, ବୁଧଦେବ ନାଏକ, ସତ୍ୟଜିତ ନାଏକ, ନନ୍ଦଲାଲ ପଟେଲ, ପୁରୁଷୋତମ ପ୍ରଧାନ, ବାସୁଦେବ ପାଣ୍ଡେ, ନିହାର ରଞ୍ଜନ ନନ୍ଦି, ନୟନ ରଞ୍ଜନ ନନ୍ଦି, ପ୍ରଭାତ ଚୌଧୁରୀ, ଅଶୋକ ନାଏକ, ଧର୍ମେନ୍ଦ୍ର ପଟେଲ, ସୁରେଶ ଚନ୍ଦ୍ର ପଟେଲ, ସୁଧୀର ପଟେଲ, ପ୍ରମୋଦ ମିଶ୍ର, ସୁଶିଲ ମିଞ୍ଜ, ବିଭୋର ପଟେଲ, ସୁନ୍ଦରଲାଲ ବେହେରା, ତାରାଚନ୍ଦ ପଟେଲ, ସ୍ୱରାଜ ପଟେଲ, ମନୋଜ ମହାରଣା, ଉମା ଶଙ୍କର ପଟେଲ, ପ୍ରଣବ ସିଂ, ପ୍ରିତିଶ ମିଶ୍ର, ମାଳି ଟପ୍ପୋ, ଅକ୍ଷୟ ବିରଗଣ୍ଡିଆ, ସୁଶାନ୍ତ ପାଣ୍ଡେ, ରଘୁନାଥ ପଣ୍ଡା, ସତ୍ୟଜିତ ପଣ୍ଡା, ଯୋଗେନ୍ଦ୍ର ପାତ୍ର, ଗଜିନ୍ଦ୍ର ପାତ୍ର, ସଞ୍ଜୟ ମାଝୀ, ଅଶୋକ ପୃସେଠ, ନର୍ସିଙ୍ଗ କିସାନ, ଜୟଦେବ ତୀର୍କୀ, ରଜତ ସାହୁ, ବିକାଶ ରାଉତରାୟ, ସୌରଭ ପଟେଲ, ଚତୁର୍ଭୁଜ ନାଏକ, ଚୂଡ଼ାମଣି ନାଏକ, ପଞ୍ଚାନନ ନାଏକ, ଅଭିଳାଷ ପଣ୍ଡା, ଶ୍ରୀକାନ୍ତ ସାହୁ, ସ୍ୱାଗତ ବିଶି, ମିଥୁନ ମହାନନ୍ଦିଆ, ପ୍ରତୀକ ଶେଖର, କଳ୍ପନା ମାଇତି, ପ୍ରଭାତୀ ଯୋଶୀ, ପ୍ରତିମା ମିଶ୍ର, ସ୍ନେହଲତା ପଟେଲ, ସୁପ୍ରଭା ପଟେଲ, ତନୁଜା ମହାନ୍ତି, କବିତା ମଞ୍ଜରୀ ହୋତା, ଅନୁସୟା ନାଏକ, ସୁନିତା ପଟେଲ, ଗୀତା ପଟେଲ, ମଞ୍ଜୁ ପଟେଲ, ବାସନ୍ତୀ ବାରିକ, କଳ୍ପନା ମିଶ୍ର, ଦୁଲାରୀ ନାଗ, ଅଞ୍ଜନା ସାହୁ, ସୁଜାତା ଟପ୍ପୋ, ଅଲିଭା ମହାପାତ୍ର, ସଂଯୁକ୍ତା ପାଣିଗ୍ରାହୀ, ଦୀପାଞ୍ଜଳି ନାଏକ, ତୃପ୍ତି ମୟୀ ନାଏକ, ସିନି ପଟେଲ, ଆଭାମୟୀ ଖାଖା, ରଶ୍ମିତା ମିଞ୍ଜ, ଜ୍ୟୋତି ଲକ୍ଷ୍ମୀ ତାଣ୍ଡିଆ, ରଶ୍ମିତା ନାଏକ, ରଶ୍ମିତା ବାରିକ, ଦୁଶିଳା ଷଣ୍ଢ, ପାୟଲ କୁମୁରା, ପୂଜାରାଣୀ ସାହୁ, ସମ୍ପିତା ଯୋଶୀ, ଆଭାରାଣୀ ମିଶ୍ର, ମାନସୀ ସା ପ୍ରମୁଖ ଉପସ୍ଥିତ ଥିଲେ।

